Reverberation

Originally in Oriya by
Dr Sarat Chandra Rath

Translated to English by
Nilamadhab Kar

Reverberation

ପ୍ରତିଧ୍ୱନି

Originally in Oriya by

Dr Sarat Chandra Rath

Translated to English by

Nilamadhab Kar

Reverberation

Originally in Oriya by
Dr Sarat Chandra Rath
Professor, Postgraduate Department,
Oriya Language and Literature
Utkal University,
Vani Vihar, Bhubaneswar, India

Translated to English by
Nilamadhab Kar
Consultant Psychiatrist
Wolverhampton City PCT
Wolverhamtpon, UK

First published as *Pratidhwonee,* 1999
Publisher: Bharatiya Sahitya Kendra, Bhubaneswar, India

Translated impression: Reverberation, 1.1.2008

Cover design: Bibhu Prasuna

Printer:
Divya Prakashani, Bhubaneswar
Divya Vihar, Samantarapur, Bhubaneswar 751002

Typeset at:
1 Leacote drive
Tettenhall
Wolverhampton, UK

Publisher:
Quality of Life Research and Development Foundation
130, Ratnakar Bag
Bhubaneswar, 751018

Price : Rs. 40/- $7

DEDICATED TO

SHREE JAGANNATH,

THE LORD OF THE UNIVERSE.



Preface

Oriya is one of the many official languages in India. It has a rich heritage spanning thousands of years. There are extremely meritorious writings in past; and the tradition is continuing in the present days. Many writers and poets in Oriya have received national and international recognitions and awards for their works. However it is felt that the richness of the language and the literary creations scarcely reach the readers of other languages, though there are few translated books in other Indian languages the number of those are so few. There is not only a need but also the literary creativity in Oriya deserves a world audience. One of the ways to achieve that is to have extensive translation of Oriya literature.

I was drawn to Oriya poetry for various reasons. I like poems and an avid reader myself. I write poems, though infrequently. I understand there are extremely interesting and enjoyable writings in Oriya poems both in the old and new styles. The poems have many unique masterpieces to offer. I feel there should be a constant endeavour to make Oriya literature available to readers of other languages.

In this connection I found out there are a few Oriya poets who writes in English and some do translate there own creations in Oriya to other languages. I found the poems of

Dr Sarat Chandra Rath fascinating. He professes Oriya literature in Utkal University, Bhubaneswar and has special interest in traditional, classical poems with magical qualities in the usage of words and rhymes; and which are studded with meanings. His poems often reflect these virtues, along with being simple and reflecting present day life. It is apparent that his poems have a special relationship with nature. His imaginative style and use of language must have created a special niche for him in Oriya literature. I have read few of his poetic works and his artistry lured me to translate some of his poems. This book is an outcome of that effort. While it is true that, as in all translations, it may not be entirely possible to translate the flavour of the poem in original language into a foreign one, nevertheless I hope the translated version communicates effectively the mood of the poems. I found the effort equally challenging and enjoyable. However, if the richness of the original poems can reach readers in other languages it will be truly gratifying.

I take this opportunity to convey my heartfelt thanks to Dr Sarat Chandra Rath for allowing me translate his poems.

N. Kar
Wolverhampton
United Kingdom
1.1.2008

CONTENTS



ଆଶାଦୀପ

ଏଇ ମାଟି ଯେବେ ପ୍ରବାସ ହୁଅନ୍ତା
ଲାଗନ୍ତା କି ଏଥି ମନ
ଏ ନୁହେଁ ପ୍ରବାସ, ଆଉ କିଛି କଥା
ଅଛି ଏଥି ସଂଗୋପନ ।।୦।।

ଝରିଯିବା ପାଇଁ ଫୁଟଇ କି ଫୁଲ
ପ୍ରତି ପ୍ରଭାତରେ ହସି ?
ଭାଙ୍ଗିଯିବା ପାଇଁ ନୀଳ ସାଗରରେ
ଉଠେ କି ଲହରୀରାଶି ?
ଝଡ଼ିଲେ ବି ଫୁଟେ, ଭାଙ୍ଗିଲେ ବି ଉଠେ, ଭରିବାକୁ ଶୂନ୍ୟସ୍ଥାନ ।।୧।।

ଗଭୀର ନିଶିରେ ଝଡ଼ ବତାସରେ
ଭାଙ୍ଗେ କେତେ ଗଛ ଡାଳ
ସକାଳ ସୂରୁଯ ଗଛକୁ ଦେଖାଏ
ଆଶାଦୀପ ଝଲମଲ
ଆସେ କିଶଳୟ, ଶୋଭନ ବଳୟ, ଦରହସା ଯଉବନ ।।୨।।

ଗୋଧୂଳି ଲଗନେ ସରିଥାନ୍ତା ଯେବେ
ସମୟର ଆୟୁରେଖା
ମଉଳା ମନରେ ଅଧା ରହିଥାନ୍ତା
କବିର କବିତା ଲେଖା
ଶେଷକଥା ନୁହେଁ ଅମାନିଶି ବୋଲି କହୁଛି ପୂର୍ଣ୍ଣିମା ଜହ୍ନ ।।୩।।



Lamp of hope

If this land is alien
Would there be any attachment
It's not foreign, something else is there
Hidden within.

Does flower bloom every morning
Just to wither ?
Does wave rise in the blue sea
Only to break down ?
Even if the flowers wither, and the waves subside
The flower blooms again and the waves rise
To fill the empty space.

In deep dark nights,
Rains and cyclones
Destroy many a tree with their foliage,
(but) The morning Sun brings again
Glowing hope, budding new leaves,
And halos of beauty
Smile of fresh youth.

If the time would have ended
With the twilight
Then the poet's poetry
Would have remained incomplete
With his mental dejection,
But the full moon night indicates
That the period of darknight
Is not the last word.



ଝରଣାର ଗୀତି

ବରଷା କି କେବେ ଭାବିଚିନ୍ତି ଝରେ
ଇଏ ନଦୀ ଇଏ ସାଗର ।
ଭରସା କି କେବେ ଭାବୁଥାଏ ବସି
ଇଏ କାଠ ଇଏ ପଥର ।।୦।।
ମୟୂର କି କେବେ କାହାକୁ ପଚାରେ
କରିବ କି ନାହିଁ ନୃତ୍ୟ ।
କୋଇଲି କେବେ କି ବସି ବସି ଭାବେ
ଗାଇବି କି ନାହିଁ ଗୀତ ।
ଶିଶିର କେବେ କି ଭାବିଚିନ୍ତି ଝରେ ଇଏ ଦୂବ ଇଏ ପତର ।।୧।।
ଚନ୍ଦନ କେବେ କି ଭାବି ଚିନ୍ତି ବାସେ
ଇଏ ରାଜା ଇଏ ପ୍ରଜା
ଦେବତା କି କେବେ ଭାବିଚିନ୍ତି ହସେ
ଇଏ ନାତି ଇଏ ଅଜା ।।
ଜୋଛନା କି କେବେ ଭାବିଚିନ୍ତି ଝରେ ଇଏ କଇଁ ଇଏ ଟଗର ।।୨।।
ସୂର୍ଯ୍ୟ କି କେବେ ବସି ଭାବୁଥାଏ
ଇଏ ବଡ଼ ଇଏ ସାନ
କାହାକୁ ଅଳପ କାହାକୁ ଅଧିକ
କିରଣ କରେ କି ଦାନ ।
ଆହା ପଦ ପାଇଁ ମଣିଷର ହାଏ କେତେ ଅଙ୍କକଷା ବେପାର ।।୩।।

* * *

Songs of the brook

Does rain filter down thinking
This is river and that is sea
Does faith keep worrying
This is wood and that is stone

Does peacock ask anybody
Should it dance or not
Does cuckoo keep worrying
Should it sing or not
Does dew fall discriminating
Between grass and the leaves

Does sandal spread fragrance
Differentiating king and the subject
Does heaven ever choose between
Grand parent or the child
Does moonlight filter choosing
This is water lily and that's jasmine

Does the sun keep worrying
It's big and that's small
Does it donate rays less to some
And more to others
For compassion, oh!
Man does so many calculations!



ଭିଜା ପବନ

ମୁଁ ଯେ ଆଶାର ଶ୍ରାବଣ ହୋଇ
ଦିନେ ଯିବି ଛୁଇଁ ବଇଶାଖୀ ଭୂଇଁ
ଚନ୍ଦନ ପରଶ ନେଇ ।।୦।।

ବିଜୁଳି ନୁହେଁ ଏ ମମତା ଝଲକ
ଘଡ଼ଘଡ଼ି ମୋର ଅନ୍ତରର ଡାକ
ଭିଜା ପବନରେ ଚାମର ଚାଳିବି ବନ-ଗିରି-ଦରି ଭୂଇଁ ।।୧।।

ସବୁଜ କେଦାରେ ହସିବ ଧରଣୀ
ନଦୀରେ ଆସିବ ନୀଳ ନୀଳ ବେଣୀ
ବନେ ଉପବନେ ହସୁଥିବ ଫୁଲ ନରମ ନୟନେ ଚାହିଁ ।।୨।।

ପାଇବାକୁ ନୁହେଁ ଯଶ ଗଉରବ
ଅବା ଆନନ୍ଦର ମଧୁ ସଉରଭ
କାହା ଆଦେଶରେ ମୁଁ ଚଳଚଞ୍ଚଳ ତାହା ମୁଁ ତ ଜାଣି ନାହିଁ ।।୩।।

❋ ❋ ❋

Drenched breeze

One day, as a shower of hope
I will touch the summer lands
With a sandal cuddle

This expression of affection
Isn't a momentary flash of lightning
Thundering is the call of my heart
With drenched breeze, I will fan upon
Mountains, forests, oceans and lands.

The earth will smile
With green fields around
Blue streams will appear in the river
Flowers will smile with graceful eyes
In forests and gardens.

I don't crave for pride or accolades
Or for fragrance of happiness
In whose command do I feel restless
That I do not know.



ସ୍ମୃତିରେଖା

ମୁଁ ଶୁଣିଛି କେତେ ବିହଙ୍ଗ କାକଳି ଗହନ କାନନେ ଭ୍ରମି
ମୁଁ ଦେଖିଛି କେତେ ତଟିନୀ ତଟର ସୁଜଳା ସୁଫଳା ଭୂମି ।।୧।।

ମନ୍ଦିର, ମଠ, ମସ୍‌ଜିଦ୍ ପୁଣି ଗୀର୍ଜା ଶୀତଳ ଛାଇ
ମୋ' ପ୍ରାଣ ଭୂମିରେ ଶାନ୍ତି ଆଣିଛି ମଧୁର ପରଶ ଦେଇ ।।୨।।

ଗୀତା, ଭାଗବତ, କୋରାନ୍, ପୁରାଣ ପୁଣି ବାଇବେଲ୍ ଗ୍ରନ୍ଥ
ପଢ଼ିଛି, ଶୁଣିଛି ଏତିକି ଜାଣିଛି ସବୁରେ ଏକଇ ସତ୍ୟ ।।୩।।

ରୋଜା ମୁଁ ପାଳିଛି କେତେ ବାର ପୁଣି ରାଇଦାମୋଦର ବ୍ରତ
ଖ୍ରୀଷ୍ଟ ମାସର ବତୀ ମୁଁ ଜାଳିଛି ହୋଇଛି ଆନନ୍ଦେ ମତ୍ତ ।।୪।।

କାମନା ବିନାଶେ ଦୁଃଖ ବିନାଶ ଶୁଣିଛି ମୁଁ ମନ ଦେଇ
କେବଳୀ ଭାବର ନିରାଜନା କରି ଶାନ୍ତି ପାଇଛି ମୁହିଁ ।।୫।।

ଭସ୍ମ ହୋଇଛି ଦେହ କେତେ ବାର ମିଶିଛି ସାଗର ଜଳେ ।
କଫିନ୍ ଭିତରେ ଶୋଇଛି ନିଦରେ ରହିଛି ମାଟିର କୋଳେ ।।୬।।

କ୍ଳାନ୍ତ ହୋଇନି ତଥାପି ଏବେ ମୁଁ ଆଗକୁ ଯିବାକୁ ଚାଲି
ନୂଆ ନୂଆ ଆଶା, ନୂଆ ଉନ୍ମାଦନା ମନେ ମୋ ରହିଛି ଭରି ।।୭।।

ଝରିଯାଇଅଛି ଘଟଣାର ଫୁଲ ଜୀବନ ଲତାରୁ କେତେ
ପ୍ରତିଟି ଫୁଲର ସୁବାସ ରହିଛି ଚୈତ୍ୟ ମଳୟ ସାଥେ ।।୮।।



Down Memory Lane

Chirping of birds much I have heard travelling deep in forests,
And have seen the greenfields on riversides

Soothing shadows of temples, mosques, and churches
Have brought peace into my life, with a sweet touch.

Gita, Bhagwat, Quran, Bible I have read and heard,
And know that one truth they all contain.

With joy I have observed Roza
And the rites of Rai damodar worship,
And have lighted the lights of Chrismas.

Intently I have listened that with the end of desire ends pain
And have gained peace by conquering emotions

Body has turned in to ashes and has mingled in the sea
Many a time, I have slept in a coffin, on the lap of the earth.

Still I am not tired , and move forward,
With new hopes, new zeals, filled in my mind

Many flowers of events have withered away
From life's creepers,
But fragrance of each flower still exists in autumn breeze.

Gita, Bhagwat: hindu religios scriptures
Roza - Observation in Muslim religion



ମାଟିଗନ୍ଧ

କିଛି ନେବା ପାଇଁ ଆସିନି ମଣିଷ
ଏ କଥା ତ ମନ ଜାଣେ
ସବୁ ବୁଝିଲେ ବି କେଜାଣି କାହିଁକି
ଏଇ ମାଟି ମନ ଟାଣେ ।।୦।।

ମାଟି ବୋଲି ଯାହା, ମାଟି ନୁହେଁ ତାହା
ମାଟିର ମମତା ମୁକତିର ରାହା
ମାଟିର ମଣିଷ ମାଟି ପାଇଁ ଝୁରେ ଶରଧାର ମଧୁଗାନେ ।।୧।।

ମାଟିରୁ ଯାଇଛି ରୂପ, ରସ, ବାସ,
ଚରାଚରେ ତା'ର ମୋହନ ବିଳାସ
ଟାଣି ଆଣିଛ ସେ ଆକାଶୁ ଆଲୋକ, ପ୍ରୀତିଭରା ଆବାହନେ ।।୨।।

ଥିଲା ବୋଲି ସବୁ ଫୁଟି ବାହାରୁଛି
ନଥିଲେ କି କେବେ ବାହାରନ୍ତା କିଛି
ଆନନ୍ଦ ଲହରୀ ଭରିଦେଉଅଛି ଉଦାସୀ ବେସୁରା ପ୍ରାଣେ ।।୩।।



Fragrance of Earth

Man has not come
To take away anything,
Mind knows this
Even one understands this
Who knows why still
This land attracts mind ?

It's not the land
But its affection as a mother
A sense of freedom
Man of the land longs
For the country
In loving tunes

From the earth
Beauty and fragrance
Lavish love everywhere
It has brought light from the sky
In loving invocation.

Manifesting as it existed internally
Would it surface, if there wasn't any
It's filling waves of happiness
In the saddened life out of tune.



ଜୁଆର

ମନ ଛୁଇଁ ଯାଏ ବହି ମଧୁର ମଳୟ
ରଚିଯାଏ ଅନୁରାଗେ ନୀଳିମ ବଳୟ ।।୦।।

କେରିକେରି ବନଫୁଲ ଭୁରୁଭୁରୁ ବାସେ ଗୋ
ନୀଳାକାଶେ ପୂର୍ଣ୍ଣଶଶି ମିଠା ମିଠା ହସେ ଗୋ
ମରତେ ଯାଏ କି ଝରି ସରଗର ଅମିୟ ।।୧।।

ଦିଗେ ଦିଗେ ବାଜେ ଆହା କାହା ବଂଶୀ ମଧୁର
ଆନନ୍ଦରେ ଯାଏ ନାଚି ଜୁଆରିଆ ସାଗର
ଦେହେ ଭରି ଶିହରଣ ରଚେ ମଧୁ ବଳୟ ।।୨।।

ମାଟିଗନ୍ଧ ଧୀରଛନ୍ଦେ ବହିଯାଏ ଅଳସେ
ନୂଆ ନୂଆ ଅନୁଭବେ ସାରା ଧରା ବିଳସେ
ପୁରୁଣା ପତର ଝରେ, ଆସେ କିଶଳୟ ।।୩।।

* * *

Tides

Soft breeze brushes past touching mind
Creating a halo of love and affection.

Strands of forest flower, defuse their fragrance
Full moon in the blue sky smiles so sweet
Alas ! the aroma of heaven percolates the earth.

Ah, whose tune is this in flute that plays in the horizons
Dances merrily the sea full of tides
Filling shivers of sweet joy in the body.

Smell of earth, in slow paced verse, lazily tells
With new experience, whole earth exuberates
Old leaves wither, and fall, new leaves emerge.



ଅଭିମାନ

ଶୀତ ପରେପରେ ବସନ୍ତ ଆସିବ
ଏ କଥା ବୁଝେନି ମନ
ବୁଝୁଥାନ୍ତା ଯେବେ ଏଇକଥା ଟିକ
କରନ୍ତା କି ଅଭିମାନ ? ।।୦।।
ଝଡ଼ିପଡ଼େ ପରା ପାଦପ ପତର
ନବ କିଶଳୟ ପାଇଁ
ମନ କିନ୍ତୁ କହେ ଝଡ଼ିଲେ ପତର
ଆଉ ତ ଆସିବ ନାହିଁ
ପ୍ରତିଟି ଗୋଧୂଳି କହିଦେଇ ଯାଏ ପ୍ରଭାତର ଆଗମନ ।।୧।।
ନଈ ବହୁଥାଏ ଆଗକୁ ଆଗକୁ
ନୂଆନୂଆ ପାଣି ନେଇ
ପୁରୁଣାର ପାଖେ ନୂଆ ରହିଥାଏ
ସତେ କି ଦେହର ଛାଇ
ତୁଠ ପଥରର କାନେ କହିଯାଏ ଆସୁଛିରେ ନୂଆ ଦିନ ।।୨।।
ଏକ ପକ୍ଷୀ ଗାଏ, ଆନ ଶୁଣୁଥାଏ
ରାଗ ଆଶାବରୀ ସ୍ୱର
ଜଣେ ଖାଉଥିଲେ ଆନ ପେଟ ପୂରେ
ଗୋଟିଏ ଗଛରେ ଘର
ସେ ସ୍ୱରରେ ଥାଏ ଦୂର ଦିଗନ୍ତର ସୁଧାଭରା ଆବାହନ ।।୩।।

* * *

Hurt feelings

Mind does not understand
That spring will descend after winter
If it does, then would it feel hurt?

Leaves on trees fall off
For new leaves to come,
But mind is afraid
If the leaves go
They may not come again,
But each twilight does suggest
The coming of the new dawn.

River flows ahead
Carrying water anew,
Old reside beside the new
Like shadow near the body,
Whispering to the stone of the bathing ghat
That new days are coming, dear

When one bird sings, the other listens
The tunes of greater hope
If one eats the other is satisfied,
They nest on the same tree
And in their song
There is the sweet invitation
Of the distant horizon.



ଚଲାବାଟ

ବାଟ ତ ଅନେକ ଏକା ମୁଁ ପଥିକ
ସାଥି ମୋର ବଣଫୁଲ ମହୁଆ ମହକ ।।୦।।

ପାଦତଳ ଘାସ କହେ ହୁଅନା ହତାଶ
ବେଳେବେଳେ ନଇଁ ଆସେ ଆଶାର ଆକାଶ
ମମତାର ଭରାବାସେ ପୂରେ ମନ ମୂଳକ ।।୧।।

ପବନରେ ବନ୍ଧୁଭାବ କିଏ ଆଣି ପରଷେ
ନରମ ଓଠରେ ମୋର ମୃଦୁ ହସ ବରଷେ
ଦେହେ ଭରେ ଶିହରଣ ଅଜଣା ସେ ପୁଲକ ।।୨।।

କାହାସୁର ଶୁଭେ ଦୂରେ ବୀଣାଜିଣା ବାଣୀରେ
ଯେତେଦୂର ଗଲେ ଶୁଭେ ଆଉ ସେତେ ଦୂରରେ
ଶ୍ରାବଣର ମେଘଫାଙ୍କେ ସେ ବିଜୁଳି ଆଲୋକ ।।୩।।

ଗିରି ଝରଣାର ଗୀତ କହିଯାଏ କାନରେ
ଏମିତି ରହନା ବନ୍ଧୁ ଏ ଉଦାସୀ ମନରେ
ପାଇବାକୁ ଅଛି ପରା ଅନୁଭୂତି ଅନେକ ।।୪।।

* * *

Pathway

It's a long path
I am walking alone
My friend –
Is the heady smell of the wild flowers.

The grass under my feet
Says don't despair,
The sky of hope descends at times
Tilling the mind
With the aroma of affection.

Who serves friendship through breeze
Brings smiles on my lips,
And create sensation in the body
With unknown sense of joy.

Whose voice is it, heard at a distance
Surpassing the music of the violin,
And is still heard, when one goes afar,
Like the floash of lightens
In the dark clouds of the rainy season.

Songs of mountain streams
Whisper in ears
Do not stay depressed, oh my dear
You have still to gain
Experience in plenty.



ବଉଳ

ବସନ୍ତ ଯାଇଛି ଫେରି ଆମ୍ବ ବଉଳରୁ
କୁହୁଡ଼ି ଆସିଛି ନଇଁ ଗଛ ଲତା ଦିଶୁ ନାହିଁ
କୋଇଲିର ସ୍ୱର କାହିଁ ଶୁଭୁନାହିଁ ଅନେକ ବେଳରୁ ।।୦।।

ସୂର୍ଯ୍ୟେ ଦେଇଛି ଡାକି, କି ମନ୍ତର ଦେଇ ଫୁଙ୍କି
ମାଟିକି ପାରୁନି ଛୁଇଁ ଟିକେ ଖରା, ସଜ ସକାଳରୁ ।।୧।।

ଏ ଦମ୍ଭ ରହିବ ନାହିଁ କୁହୁଡ଼ି ଯିବ ଉଭେଇ
ଏ କଥା ମନରେ ଭାବି ସୂର୍ଯ୍ୟହସେ ଅନ୍ତର ଭିତରୁ ।।୨।।

ପଡ଼ିଯିବ ପୁଣି ଖରା ହସିବ ଏ ଧୂଳି ଧରା
ମୃଦୁହସ ଉକୁଟିବ ଶ୍ୟାମବନ ଲତା ବିତାନରୁ ।।୩।।

ଦିଗହେବ ପରିମଳ ନଦୀଧାର ନିରିମଳ
ଶୁଭିବ ବିହଙ୍ଗତାନ ନିରନ୍ତର ଦୂରବନାନୀରୁ ।।୪।।

❊ ❊ ❊

Buddings

Spring has gone back from mango buddings
Fog has spread across
Creepers and trees aren't visible
Cuckoo isn't heard since long.

Sun is covered in a mystic mantra
Rays are unable to touch the ground
Since the fresh morning.

This patience will not last long
Fog will disappear
Knowing this the Sun smiles within.

Rays will come, the dusty earth will grin
Smiles will pervade and spread
From the green tops of creepers, trees, and forests.

Horizon will be fresh, river streams clearer
Chirpings of birds will be heard
From distant jungles and shores.



ନୀରବତା

ନଦୀ ଯାଏ ଝୁଲି ଝୁଲି ଲହରୀ ଦୋଳିରେ
କୁଳୁକୁଳୁ ଗୀତ ଗାଇ କିବା ଭାଳିଭାଳିରେ ।।୦।।

କାହା ଭାବପ୍ରବଣତା ଆଉ କା'ର ନୀରବତା
କାହା ହୃଦୟର ବ୍ୟଥା ଥାଏ ସେ ଗୀତରେ ଲେଖା
କାହା ମାନ ଅଭିମାନ ଅନୁରାଗ ଗୀତିସ୍ୱରେ ଯାଏ ଝରି ଝରିରେ ।।୧।।

ବନ ଫୁଲ ଝଡ଼େ ଖସେ ଲହରୀରେ ଯାଇ ମିଶେ
କେବେ ଅକୂଳରେ ଭାସେ ବେଳେବେଳେ କୂଳେ ଦିଶେ
ହତାଶାର ବିଷ ଭାରେ ତା'ର ମନ ଦୀର୍ଘଶ୍ୱାସେ ଯାଏ ଜଳିଜଳିରେ ।।୨।।

ଭାବନାର ଓଦାଜାଲେ ନିଜ ପାଦ ନିଜେ ଛନ୍ଦି
ବୁକୁଭରା କୋହ ଚାପି ନିଜ ଦେଶେ ନିଜେ ବନ୍ଦୀ
ବୁଝିହୁଏ ନାହିଁ କିଛି ବେଳ ଯାଏ ବୃଥା ଚାଲି ଖାଲି ଭାଳିଭାଳିରେ ।।୩।।

❋ ❋ ❋

Silence

River flows down swaying
With the swing of tides
Murmuring tunes or worrying

Whose emotion
Silence of someone else
Plight of some heart
Written in that song
Whose pride, feelings and love
The melodies filter through

Flowers in the jungle wither
Fall on the tide, float on
The banks right or wrong
At times. Weight of
Poisons of hopelessness
Burns away its mind in sighs

In the soaked net of worrying
Getting stuck one's own feet
Suppressing a chest-full of emotions
Jailed in one's own country
Nothing is understood
Time is just wasted worrying



ହସଲୁହ

ବୁଝି ନ ବୁଝିଲେ ଜୀବନ ମିଛ,
ଖୋଜି ଖୋଜୁଥିଲେ ଜୀବନ ସତ
ହଜାଇ ଅଳପ   ପାଇଛି ଅନେକ
ବୋଲି କହୁଥିଲେ ଜୀବନ ତୀର୍ଥ ।।୦।।

ଅନ୍ଧାରେ ଆଲୋକ, ଆଲୋକେ ଅନ୍ଧାର
ମନେ ହୁଏ କେହି ନୁହନ୍ତି କାହାର
ସଲିଳରେ ଘଟ, ଘଟରେ ସଲିଳ, ଏ ଦୁଇଟି କଥା ସତ ।।୧।।

ହସ ପାଖେ ଲୁହ, ଲୁହ ପାଖେ ହସ
ଏକ ଆନ ପାଇଁ ପାଇଛି ଆୟୁଷ
ମାଟିରେ ରହିଛି ଅଶେଷ ପୁଲକ, ଝରୁଅଛି ଅବିରତ ।।୨।।

* * *

Smiles and tears

Life is false
If knowing all,
You do not understand still.
If you keep searching
Life is true.

If you could say
'Having lost a bit
I have gained a lot'
Then life is a pilgrimage.

Light in darkness
Darkness in light
It seems, none belongs to other
Body in water
Water in body
These two are true.

Tear beside smile
Smile beside tear
One has got life for the other
Lot of excitement in the earth
Exudes always.



ମାଟିଘର

ମାଟିରେ ମଧୁ ଅଛି,
ମାଟିରେ ବନ୍ଧୁ ଅଛି
ମାଟିକୁ ଦିଅନା ଦୋଷ, କହନା ଡୁ ଛି ଛି ।।୦।।

ମାଟିରୁ ଆସିଛି ଫୁଲଫୁଲେ ରଙ୍ଗ
ଆସିଅଛି ଏତେ ବାସ
ମାଟିର ଘଟରେ ଫୁଟି ଉଠୁଅଛି
ମଧୁଭରା ମୃଦୁହସ
ମାଟିରେ ବହୁଛି ମମତା ଝରଣା, ସରଗର ସୁଧା ବିଞ୍ଚି ।।୧।।

ଆକାଶ ବୁଝିଛି ଏ ମାଟିକୁ ବୋଲି
ଆପେ ଆସିଅଛି ନଇଁ
ପବନ ପକାଏ ଆଲଟ ଚାମର
ଆପେ ଆନମନା ହୋଇ
ଆଲୋକ, ପୁଲକ, ଅମୃତ, ମାଧୁରୀ ଏ ମାଟିରେ ରହିଅଛି ।।୨।।

* * *

Earthy body

Love exists in the earth
There exists a friend in the earth
Don't blame it
Don't say any thing

From the earth
Colours in flowers have come
The fragrance so bountiful
In the earthy body wells up loving smiles
River of affection flows in the earth
Sprinkling heaven's blessings

As the sky has understood the earth
It has bent down on its own
The wind fans the earth
Itself being unfocused and absentminded

Light, joy, laughter and *amrit*
All are there filled in this very earth

Amrit. In Hindu mythology, amrit is a potion, available in heaven to Gods, which make them conquer death and achieve highest level of well being.



ଚୋରାବାଲି

ସିଏ କି ଚାନ୍ଦରେ ଲେଖା ଯାହାର ଚାନ୍ଦିନି ନାହିଁ
ସିଏ କି ଦେଖାରେ ଲେଖା ଯହିଁ ଧାରେ ହସ ନାହିଁ ।।୦।।

ସିଏ କି ଶ୍ରାବଣେ ଲେଖା ଯହିଁ ନାହିଁ ମେଘମାଳା
ସିଏ କି ଫଗୁଣ ଯହିଁ ନାହିଁ ପିକ କୁହୁଧାରା,
ସେ ଫୁଲ କି ମନ ଟାଣେ ଯହିଁରେ ସୁବାସ ନାହିଁ ।।୧।।

ସେ ମନ ଥାଉ କି ଲାଭ ଯହିଁରେ ମମତା ନାହିଁ
ସେ ପରାଣେ ଅଛି କିସ ଯହିଁରେ ଆନନ୍ଦ ନାହିଁ ।
ସେ କିବା ଭୋଜନେ ଲେଖା, ଆଦର ଯେଉଁଠି ନାହିଁ ।।୨।।

ସେଇ ଲୁହ, ଲୁହ ନୁହେଁ ଯାହା ଝରେ ନିଜ ପାଇଁ
ସେଇ ପ୍ରେମ, ପ୍ରେମ ନୁହେଁ ଯହିଁରେ ସହିବା ନାହିଁ
ସିଏ କି ମନ୍ଦିରେ ଲେଖା, ଯହିଁରେ ଦେବତା ନାହିଁ । ।।୩।।

※ ※ ※

Quicksand

Is that a moon,
Who doesn't have a night to lit
Is that a meeting,
Where there isn't any smile.

Is that a rainy season,
Where there are no clouds
Is that autumn,
where peacock does not sing
Does a flower without
Fragrance raise desire.

What benefit of that mind,
Which is devoid of love
What's there in that life,
Which has no glee
Is that a dinner,
Where there is no care.

Tear isn't tear that is shed for self
Love isn't love that does not tolerate
Is that a temple where there isn't God.



ପଦ୍ମମଧୁ

ଦୂର ଆକାଶର ତୁମେ ଅନନ୍ତ ନୀଳିମା
ସାଗରରେ ଭଙ୍ଗା ଭଙ୍ଗା ବୀଚି ମଧୁରିମା ।।୦।।

ଫୁଟାଫୁଲ ପାଖୁଡ଼ାରେ ତୁମେ ମାଦକତା
ଜୀବନେ ଜୀବନେ ତୁମେ ପ୍ରୀତିପ୍ରବଣତା
ପ୍ରାଚୀନଭ ଧାରେଧାରେ ଶୁଭସଜସକାଳରେ
ତୁମେ ଉଷାଲୋକର ସୁଷମା ।।୧।।

ମନଗହନରେ ତୁମେ ଆଶା ପଦ୍ମମଧୁ
ଆନନ୍ଦର ଅଭିଷେକ, ମମତାର ସିନ୍ଧୁ
ଝରଣାର ଝରଝର ଗୀତରେ ମଧୁରସୁର
ତୁମେ ନିଜେ ତୁମର ଉପମା ।।୨।।

❋ ❋ ❋

Nectar of lotus

You are the pervasive blueness
Of distant sky
Undulating lovely marking
Of tides in the sea.

You are the heady smell
In flowers in bloom
You are the essence of love
In life after life
You are the beauty of soft morning rays
In the fresh dawn at eastern horizon.

You are the honey of hope
In the deep core of the mind
And crowned happiness,
Ocean of affection
The sweet tune of song
In the zingzang symphony
Of the spring,
You can be compared
With you alone.



ଧ୍ରୁବତାରା

ବିଜନ ବନର ଚହଲା ଛାଇରେ
ତୁମେ ଭରା ଶୀତଳତା
ଧୀର ପବନର ଝୁଣ୍ଟିଆ ଝଙ୍କାରେ
ତୁମେ ଭରା ମଧୁରତା ।।୦।।

ଆକାଶ ଯେଉଁଠି ଛୁଇଁଯାଏ ମାଟି
ସେଇଠି ତୁମର ଦେଖା
ନୀଳ ସାଗରର ନୀଳିମା ଭିତରେ
ଅଛି ତୁମ ନାମ ଲେଖା
ଦୂର ଅତୀତର ସୁର ସୁମଧୁର
ଭରା ଛନ୍ଦ ସରସତା ।।୧।।

ମରୁବାଲୁକାରେ ଜଳବେଣୀ ତୁମେ
ଉଦୀଚୀର ଧ୍ରୁବତାରା
ବିଳସୀମେଘର ସାଦରସଂଭାଷ
ଶ୍ରାବଣୀବରଷା ଧାରା
ଲତାକୁସୁମର ପାଖୁଡ଼ାରେ ତୁମେ
ଅନୁପମ ମାଦକତା ।।୨।।

* * *

North Star

You are the refreshing coolness
In the swinging shades of lonely forests
You are the tinkling sweetness
Of slow soothing breeze.

Where the sky touches earth
You are pictured there
Your name is written
In the blueness of vast blue seas
You are the beautiful tunes of distant past
Filled in verses excellent.

You are the oasis in desert sands
North Star of *Udichi*
You are the constant drops in rainy season
Cordial invitation of grandiose clouds
You are the unique madness in the petals
Of flowers in creepers.

Udichi- a Hindu mythological character.



ମଧୁଜ୍ୟୋତ୍ସ୍ନା

ଲାଜ ଲାଜ ଜୋଛନାରେ ଭିଜା କେତେ ସପନ
ହଜିଯାଏ ମନ ଆଜି ହୋଇ ପ୍ରୀତି ମଗନ
ଚାହିଁ ଚାହିଁ ସେହି ମଧୁ ଲଗନ । ।।୦।।

ଚହଲା ବନଲତାରେ
ଆକାଶର ନୀଳିମା ଝରଇ
ଜହ୍ନର ମଧୁର ହସେ
ଝୁରାମନ ଆହୁରି ଝୁରଇ
ଧୂଆଁ ପରି ଦିଗ ଦିଶେ, କିଏ ମିଠା ମିଠା ହସେ ।
ଦେହେ ଭରିଦିଏ ଶିହରଣ । ।।୧।।

ତଟିନୀର ଧାରେ ଧାରେ
ଧୀର ଧୀର ଶୀତଳ ପବନ
ଛୁଇଁଯାଏ କେଦାରର
ସବୁଜିମା ଜଗାଇ କମ୍ପନ
କଳ୍ପନାର କୁଞ୍ଜବନେ ଚହଲା ସୁଷମା ରଚେ
ଅନୁପମ ଲହରୀ ପ୍ଲାବନ ।।୨।।

ଫୁଲ କେତେ ଝରିଯାଏ
ଧୂଳିର ଏ ଧୂସର ବିଥିରେ
ମରମକୁ ଛୁଇଁଯାଏ
କିଏ ସିଏ ଅବୁଝା ଗୀତିରେ,
ଜୀବନର ଦେବାଳୟ ଫୁଲଗନ୍ଧେ ମଧୁମୟ
ଦେବତାର ନାହିଁ ଦରଶନ ।।୩।।



Sweet moonlight

Drenched many dreams
In the shy moon-lit night
Mind wandered and lost soaked in love
Longing for that moment.

In the swinging branches and creepers
Drips in blueness of sky
In the sweet smiles of the moon
Craves the bereaved lonely mind
Horizons look messy like smoke
Somebody's sweet smiles
Instil romance in the body.

On the banks of the river
Slow cool breezes
Touch the greenery of the gorge
Arousing tremors
In the enchanting forest of imagination
Unique immense tides
Design swinging beauty.

Flowers many wither
In this dusty, grey world
Who is that touches heart
In unfathomable verses
In the temple of life
Scented by flower
With no sight of God.



ଫଟାଭୂଇଁ

ଅନେକ ବରଷା ଝରିଗଲା ପରେ
ଭିଜିଲାନି ଫଟାଭୂଇଁ
ଲୁହର ଶିଶିର ବରଷିଲା ପରେ
ଭିଜିଲାନି ଆଖି ଦୁଇ ।।୦।।

କେତେ ଯେ ବସନ୍ତ ହସି ଚାଲିଗଲେ
ଜୀବନର ଚଲାବାଟେ
ସ୍ମୃତିର ପାଖୁଡ଼ା କେତେ ଭାସିଗଲା
ମନ ନ   ନଈ ତୁଠେ
ସବୁଜ ବନରେ ଅବୁଝା ତାନରେ
ଗଲା କିଏ ଗୀତ ଗାଇ ।।୧।।

ଅନେକ ସପନ ସରିଗଲା ପରେ
ରାତି ତ ପାହିଲା ନାହିଁ
ଅନେକ ଆଶାର କଇଁ ମଉଳିଲା
ଜହ୍ନ ତ ଉଇଁଲା ନାହିଁ
ନାଟକ ସରିନି ନାୟକ ଚାହୁଁଛି
ଦର୍ଶକ ସାଜିବା ପାଇଁ ।।୨।।

* * *

Cracked earth

Cracked earth did not drench
After many rains
Dew drops of tear
Did not wet the eyes.

Many springs breezed past smiling
On the path of life
Memory petals swept away
Through the banks of
Bluish river of mind
Who went there singing
In the green jungle
In a perplexing tune.

Night did not end
Even after dreams faded
The lily of many hopes withered
But moon did not rise
Drama hasn't finished
But the actors wish to dress up
As spectators themselves.



ଅଦିନ କୁହୁଡ଼ି

ସବୁଧନ ହଜିଗଲା ଦୂରେ ବହୁଦୂରେ
ଲିଭିଗଲା ଇନ୍ଦ୍ରଧନୁ ଶ୍ରାବଣୀ ମେଘରେ । ।।୦।।

ବେଦରୁ ଗାୟତ୍ରୀ ମନ୍ତ୍ର ଗଲା କାହିଁ ଚାଲି
ରାକାରଜନୀରୁ ଜହ୍ନ କଲା କିଏ ଚୋରି
ରାମ ଗଲେ ବନବାସ ଅଭିଷେକ ବେଳେ ।।୧।।

ପ୍ରଭାସ ତୀର୍ଥରେ ହେଲା ଯଦୁବଂଶ ନାଶ
ଅଦିନ କୁହୁଡ଼ି କଲା ନବ ରବି ଗ୍ରାସ
ଫୁଟିଲା ଆଗରୁ କଢ଼ି ଝଡ଼ିଲା ମହୀରେ ।।୨।।

ଝରିଲା ବରଷା ହେଲେ ପୂରିଲାନି ନଦୀ
ନ ବାଜି ଘୁଙ୍ଗୁର ଦେଲା ପାଦ ଦୁଇ ଛନ୍ଦି
ବେସୁରା ରାଗିଣୀ ବାଜେ ଅନ୍ତର ଭିତରେ । ।।୩।।

* * *

Untimely Fog

All treasures got lost
Far far away
Rainbow vanished
In the July clouds

Lines melted from poems
Veda missed mantra *Gayatri*
Moon got stolen from night's sky
Ram went to forest at coronation time
Yadu dynasty got devastated
In *Pravasa Tirtha*
New sun got engulfed
By the untimely fog
To dust withered the bud
Before it blooms.

It rained, but river remained empty
Ghunguroo did not play
But locked the legs
Tuneless songs rang in heart

Veda: Hindu scripture
Gayatri mantra : a famous mantra of Hindus.
Ram: Hindu God
Yadu: a dynasty to which Lord Krishna belongs
Pravasa Tirtha: a place of pilgrimage
Ghunguroo: musical instrument worn as anklet



ମରମର ଭାଷା

ଆକାଶେ ଚନ୍ଦ୍ରମା ତୁମେ
ସାଗରେ ନୀଳିମା ତୁମେ
ସରସୀରେ ଢଳ ଢଳ
ଛଳ ଛଳ କଇଁ ଫୁଲ
ଅଭିମାନୀ ଗୋଧୂଳିର ଯାମେ । ।।୦।।

ବସନ୍ତର ହସ ତୁମେ
କୁସୁମରେ ବାସ ତୁମେ
ଆଲୋକର ଶିଖା ତୁମେ
ମରମର ଭାଷା ତୁମେ
ଦୂର ବନାନୀର ଘନ ସବୁଜିମା,
ମଳୟେ ମହକ ତୁମେ । ।।୧।।

ତୁମେ ହୃଦୟରେ କ୍ଷମା
ପ୍ରୀତିର ଶୁଭସୁଷମା
ଅନ୍ତରେ ଅସୀମ ଆଶା
ନାହିଁ ତୁମର ଉପମା
ଭାବପ୍ରବଣତା ଦୀପାଳି ଶିଖାର
ଲାଜୁଆ କିରଣ ତୁମେ । ।।୨।।

* * *

Voice of heart

You are the moon in the sky
Ocean's blue
Swaying lily are you
In the simmering pond
At the proud dusk.

You are the smile of the spring
Aroma of flowers
Flame of light
The voice of heart
Deep greenery of far away forests
You are the charm in clouds

You are the compassion
Forgiveness in the heart
Love's eternal beauty
Endless hope in the spirit
You have no equal
You are the shy rays
From the flames of poignant candles.



ଜୋଛନା ରାତି

ନୀଳ ଆକାଶର ଭସା ମେଘମାଳା
ଅଶିଣ ଆକାଶ ସାଥି
ବନ ଗହନର ଫାଙ୍କରେ ଫାଙ୍କରେ
ତୁମେ ତ ଜୋଛନା ରାତି ।।୦।।

ନୀରବ ବିଜନ ନଦୀ ଉପକୂଳେ
ନିଜ ଛାଇ ଦେଖି ନିଜେ ଯେବେ ଡରେ
ଝରାପତରରେ ଭରି ଯାଏ କେତେ
ପଉଷ ମଉଳା ଗୀତି ।।୧।।

ସବୁଜ ସୁନ୍ଦର କ୍ଷେତ ଧାରେ ଧାରେ
ଶୀତଳ ପବନ ଲୁଚକାଳି ଖେଳେ
ଗାଇ ଯାଏ କାନେ ସୁରତାଳହୀନ
ହା’ ହୁତାଶର ଗୀତି ।।୨।।

* * *

Moon-lit night

Floating clouds in the blue
In the friendly autumn sky
In the partings of the deep forests
You are the moon-lit night.

In the silent, lonely banks of river
When one fears one's own shadow
Many faded winter songs
Fill up by fallen leaves.

On the sides of gorgeous green fields
Cool breeze plays hide and seek
Sings in the ear
Tuneless songs of despair.



ବିରହ ବଇଁଶୀ

ନୀଳ ଆକାଶର ନୀଳିମା ସେପାରେ
କିଏ ସେ ଭାବୁଛି ବସି
ସେ ଭାବନା କେତେ କରେ ଆନମନା
ମରତ ମାଟିକୁ ଆସି ।।୦।।

ସ୍ମୃତିଫୁଲ କୁଞ୍ଜବନେ ସେ ଭାବନା ଆସି
ବଜାଇ ଦେଉଛି ଧୀରେ ବିରହ ବଇଁଶୀ
ଏ ପବନ ଆଣିଦିଏ ବେସୁରା ରାଗିଣୀଟିଏ,
ବୁଣି ଦେଇ କଣ୍ଟା ରାଶିରାଶି । ।।୧।।

ଗୋଧୂଳି ଲଗନେ କେତେ ଉଦାସ ମନରେ
ପକ୍ଷୀଟିଏ ବସି ଭାବେ ଗହନ ବନରେ
ଯିବା ପାଇଁ ହେବ ତାକୁ ଆଉ ବହୁ ଦୂରପଥ
ଏହା ଭାବି ଦିଏ ଖାଲି ହସି । ।।୨।।

ନଈ ଯାଏ ବହି ତା'ର ଆପଣା ବାଟରେ
ଚିହ୍ନ ରଖି ଯାଏ ଚାଲି ଅନେକ ଘାଟରେ
ସେ ଚିହ୍ନକୁ ଦେଖି ଦେଖି ଆଖି ମୋର ଯାଏ ଲାଖି
କିଛି କହିପାରେନା ଭରସି । ।।୩।।

* * *

Lovelorn flute

Who thinks there on the other side
Of the blue sky
How distracted do those thoughts make one
Coming here to the mortal earth

Those thoughts in the flowery garden of memory
Play slowly a lovelorn flute
The air brings in tuneless song
Sowing many thorns on the way

At the dusk in saddened mind
A lonely bird thinks in deep forest
It has to go far ahead a long way
Smiles faintly worrying on this

River flows on its way
Leaving signs on ferries at banks
My eyes get struck looking at those signs
Nothing can I confide



ଛାଇଆଲୁଅ

ଦୂର ଦିଗନ୍ତର ଅଭିନନ୍ଦନକୁ
ପାଦରେ ଦେବନି ତୁମେ ଠେଲି
ସାଗର ସିକତା ଧାରେ ଧାରେ ଦେଖ
ଜହ୍ନ ହସୁଅଛି ଖିଲିଖିଲି ।
ନିଜକୁ ଖୋଜୁଛି ମାଟିର ମହକ
ଛାଇ ଆଲୁଅର ଧାରେ ଧାରେ
ଶିଶିର ପଖଳା ନରମ ଫୁଲରେ
ଆଖି ଲାଖି ଯାଏ ଥରେଥରେ ।
ମଳୟପବନ ଛୁଇଁଯାଏ ତାକୁ
ଦେଇ ଶିହରଣ ଦେହେ ଭରି । ।।୧।।

ମାଟିରମଣିଷ ମନମୁକୁଟରେ
ମଣିମୁକୁତାର ଅନୁଭବ
ଲଳିତଲବଙ୍ଗ ଲତାରେ ଆସିଛି
ନବ କିଶଳୟ ମଉଛବ
ପରାଣ ଗହନେ ତୁମ ପାଇଁ ଫୁଟେ
କେତେ ସଜଫୁଲ କେରିକେରି । ।।୨।।

* * *

Shade and light

Don't push away invitation
Of distant horizons, by your feet
See in the sands of sea shore
Moon giggles

Scent of earth is searching self
In the lines of shade and light
In dew drenched soft flowers
Eyes get struck once in a while
Breeze touches that
Filling sensation inside body

In the mind's crown of man of earth
The experience of jewels and stones
In clove creepers has come
The celebration of foliage new
Deep within the life, bloom for you
New fresh flowers in strands many



ଆହ୍ୱାନ

ଶ୍ରାବଣୀ ବାଦଲ ବୁକେ
ଘୋର ଘଡ଼ଘଡ଼ି,   ଗମ୍ଭୀର ସ୍ୱରେ

କିଏ ଆସି ମତେ ଡାକେ । ।।୦।।
ପ୍ରିୟତମ ! ଏ କି ତୁମରି ଆହ୍ୱାନ
ପ୍ରୀତି ସଉରଭେ ପବିତ୍ର ମହାନ
କାହିଁ କେତେଦୂରେ ନାହିଁ ତୁମ ଦେଖା,
ବସିଛି ମୁଁ କାରାକକ୍ଷେ । ।।୧।।

କମ୍ପନ ଜାଗେ କିଁପା ଏ ଅନ୍ତରେ
ନବ ଚେତନାର ନଦୀ ଧାରେ ଧାରେ
ତୁମରି ସୌମ୍ୟ ଲଳିତ ମୂରତି
ବସି ହୃଦପଟେ ଆଙ୍କେ । ।।୨।।

ବିଜୁଳି ଝଲକ ଯାଏ ଦେଇ ଦେଖା
କହେ କରିବାକୁ ଆହୁରି ଅପେକ୍ଷା
ରାତି ଗଲେ ପାହି ସୁନେଲି କିରଣ
ଦିଶିବ ଗବାକ୍ଷ ଫାଙ୍କେ । ।।୩।।

* * *

Invitation

In the heart of July clouds
Huge thunders
Who calls me in deep voice
My love, is it your invitation.

In the fragrance of love
Pious and glorious
From such a long distance
You are not seen
I am sitting in the prison cell.

Why are there tremors in mind
In the banks of new consciousness
I paint in my heart
Your soft likeness.

The lightning sparks visit
Suggest to wait longer and more
As the day breaks
Golden rays through the window
Would be seen.



ରଜନୀଗନ୍ଧା

ତୁମେ ପୂର୍ଣ୍ଣିମା ରାତି ହୋଇ
କେବେ ଯେବେ ଆସି ମୃଦୁ ମୃଦୁ ହସି
ସପନରେ ଯିବ ଛୁଇଁ । ।।୦।।

ଫୁଟିଥିବ ଫୁଲ ରଜନୀଗନ୍ଧା ସେ
ବାରି ଅଗଣାରେ ମୋର
ଦେହରେ ଥିବ ମୋ କଦମ୍ବ ରୋମାଞ୍ଚ
ମନେ ପ୍ରୀତିଫୁଲ ହାର
ମୋ ମନରେ ଥିବ ଚେତନା ପଦକ
ତୁମ ନାଆଁ ଥିବ ଯହିଁ । ।।୧।।

ଗାଉଥିବ ତୁମେ ମଧୁର ରାଗିଣୀ
ମମତାରେ ବାସଭରା
ମନର କଳସୀ ପଡ଼ିବ ଉଛୁଳି
ଫୁଟିବ ପାହାନ୍ତିତାରା
ପରଶେ ତୁମର ମୋ ମନେ ଆସିବ
ଆଶାର ସୂରୁଯ ଉଇଁ । ।।୨।।

* * *

Rajani Gandha

As a moon-lit night
When will you come
And touch me in dream

Rajani Gandha would be in bloom
In my courtyard then
There would be *kadamba*
Sensation in my body
And garland of love in my mind
With a conscious medal
Your name inscribed on it

You would be singing beautiful tunes
Filled with fragrance of affection
The mind's pot would overflow
Stars of dawn would twinkle
By your touch, in my mind
There will be a day break of hope

Rajani Gandha- a flower like jasmine
kadamba – a flower like a bulb



ଅରୁଣିମା

ତୁମେ ମମତା କୁସୁମ କୁଞ୍ଜ
ତୁମେ ଫଗୁଣ ଫୁଲର ସଞ୍ଜ
ମମତାର ମଧୁମଳୟ ପବନେ
ଦରହାସ ମିଶାଲାଜ । ।।୦।।

ବନ୍ଧୁ ! ତୁମେ ଆଶା କଦମ୍ବର କଢ଼ି
ନୂତନ ଭାଷାର ସୁର ସୁଧାଝରି
ନବ ଭାବନାର ନୀଳ ସରସୀରେ
ଶୁଭ୍ର ଶତଦଳ ସଜ । ।।୧।।

ଦିଗ ଦିଗନ୍ତରେ ତୁମ ଧୀର ଚାଲି
ମୃଦୁମୃଦୁ ହସ ପଡ଼େ ସୁଧା ଝରି
ମନ ଆକାଶରେ ଅରୁଣ କିରଣ
ଅନୁରାଗ ଭରାସାଜ । ।।୨।।

* * *

Rays at dawn

You are the flowery garden
Arch of affection
You are flowery evening of spring
In the sweet breeze of affectionate
You are shy mingled with budding smile.

Dear friend, you are the bud of hope
Tune of a new language,
In trickling cadence
You are the decoration of new thoughts
In blue lagoon,
With hundreds white flowers bright

Your slow pace in the horizons
Sweet little smiles ooze honey
In the mind's sky, rays of hope
A décor full of compassion



ସଉରଭ

ନରମ ଖରାରେ ଧୀର ପବନରେ
ସଜଫୁଟା ଫୁଲ ଅଳସରେ ଝୁଲେ
କାହା ପାଇଁ ହସେ ସିଏ
କିଏ ମନ ଚୋର ଆସିବ ବୋଲି କି
ଆଖି ମେଲି ଚାହିଁଥାଏ । ।।୦।।

ଦୂର ଆକାଶର ନୀଳ ବଇଭବ
ବିଞ୍ଚି ଦିଏ ଆଣି ପୁଣ୍ୟ ସଉରଭ
ଜାଳିଦିଏ ତା'ର ମନ ଅଗଣାରେ
ପ୍ରୀତିର ଦୀପାଳିଟିଏ । ।।୧।।

ଗୀତିର ଗୁଞ୍ଜନେ ମନଭୁଲାସୁର
କରେ ମନ ତା'ର ଆନନ୍ଦେ ଅଧୀର
ଲାଖିଯାଏ ଆଖି ଚଲାପଥିକର
ଭାବକୁ ଭାଷା ନ ପାଏ । ।।୨।।

⁂ ⁂ ⁂

Fragrance

In soft rays of sun, slow breeze
Freshly bloom flower swings lazily
For whom does it smile
Who is going to come
The thief of mind
That it remains waiting wide-eyed

Blue richness of distant sky
Spreads again the holy fragrance
Lightens a lamp of love
In the courtyard of mind

Mesmerising tunes of the jingling verses
Makes mind restless in happiness
Glue the eyes of the passers by
Words do not catch up to the feeling



ନୀଳକଇଁ

ଚେତନାରେ ଢଳ ଢଳ
ସେ ତ ଏକ ନୀଳକଇଁ ଫୁଲ
ସପନମଧୁବରଷି ହସାଇ ସେ ହସି ହସି
ଲାବଣ୍ୟ ଲହରୀ ଛୁଇଁ
ଦିଶେ କେତେ ଝଲମଲ ।।୦।।

ଆଶାଭ୍ରମର ଗୁଞ୍ଜନେ ତନୁ ଭରେ ଶିହରଣେ
ଚହଲିଯାଏ ପରାଣ ବିଜନେ ମଧୁଲଗନେ
କାହାସ୍ମୃତି ନିରାଜନା
ପାଇଁ ବୀଣାର ମୂର୍ଚ୍ଛନା
କରିଦିଏ ମନକୁ ଅଧିର ।।୧।।

ଭାବନାର ଓଦା ଜାଲ ପାଦ କେବେ ଦିଏ ବାନ୍ଧି
ନୀରବରେ ଲୁହଧାରେ ମନ ହୁଏ କେବେ ବନ୍ଦୀ
ସକାଳ ପବନ ଆସି
କହିଯାଏ କାନେ ହସି
ଯିବା ପାଇଁ ଅଛି ବହୁଦୂର ।।୨।।

* * *

Blue lily

Unsettled consciousness
That's a blue water lily
Raining honey of dreams
Making one laugh while smiling
Touching gracious tides
Looks so luminous

Murmuring bee of hope
Body filled with sensation
Life shakes, in loneliness,
In beautiful bridal moments
For whose memory
Does this *veena* play
Makes mind disquiet

Soaked net of worries
At times strangles feet
In silence, in tear tracks
Mind become prisoner, at times
The morning zephyr blows in
Whispers in ear smiling
There is a long way to go

Veena: a musical instrument with strings



ଝରାଫୁଲ

ଝରାଫୁଲ ଯେତେ ସାଉଁଟି ବସିଲି
ଝରିଗଲା ସବୁ ପାଖୁଡ଼ା ତା'ର
ଝରାପାଖୁଡ଼ାରେ ତଥାପି ଗନ୍ଥୁଛି
ସପନର ମୋର ଗଜରା ହାର । ।।୦।।

ଗୋଧୂଳି ଗଗନ ଆଜି ଫିକା ଫିକା ଦିଶେ
ଉଦାସୀ ପ୍ରଦୋଷ ତାରା ବିଷାଦ ବରଷେ
ଭାଜି ତ ଯାଇଛି ଆଶାର ମିନାର
ଯାହା ଥିଲା କାଲି ନିଜର । ।।୧।।

ଜୀବନର ବନବିଥି ଧାରେ ପାଦ ଥାପି
ଚାଲିବାକୁ ହେବ ଗିରିଶିଖେ ଲକ୍ଷ୍ୟ ରଖି
ଶୁଣିବାକୁ ହେବ ମନ ବୃନ୍ଦାବନେ
ମୋହନ ମୁରଲୀ ମଧୁର । ।।୨।।

* * *

Fallen flower

As I started gathering fallen flowers
The petals fell off all
In those withered petals
I still weave
The garland of my dreams

The sky at dusk today looks faint
Sad evening star rains pathos
The tower of hope has been broken
Which was one's own in the days yester

Stepping on the side of life's forest
One has to walk,
Focusing on the mountain tip
One has to listen in the garden of mind
Mesmerising sweet flute of a kind



ନଈ ବହିଯାଏ

ଗୋଧୂଳିଗଗନ ଧାରେ ତାରାଟିଏ ଆସି
ନଦୀ ବକ୍ଷେ ନିଜ ଛବି ଦେଖୁଥାଏ ବସି । ।।୦।।

ଜାଗର ଦୀପାଳୀ ଜାଳେ କାହା ପାଇଁ ସିଏ
ପ୍ରୀତିର ମଧୁଝରଣା ଝରି ଝରି ଯାଏ,
ଲୋହିତ ବରଣା ମେଘ
ଯାଏ ଭାସି ଭାସି । ।।୧।।

ଦୂରୁଦୂରୁ ଶିରିଶିରି ବହେ ଧୀର ବାଆ
ବନଲତା ଫୁଲକୁଞ୍ଜ ଗାଏ ଗୀତ ନୂଆ
ନଦୀ ଯାଏ ବହି ବହି
ମୃଦୁ ମୃଦୁ ହସି । ।।୨।।

ଦେହରେ ରୋମାଞ୍ଚ ଜାଗେ ପ୍ରାଣରେ ପୁଲକ
ଏକ ଲୟେ ଚାହେଁ, ତା'ର ନ ପଡ଼େ ପଲକ
ଜୀବନ ଲତାରେ ଫୁଟେ
ଆଶାଫୁଲରାଶି । ।।୩।।

❋ ❋ ❋

A river flows through

In the sky, at dusk
A star watches its reflection
In the chest of river

For whom does it light a lamp
Whole night
The creek of love flows down
Red clouds float away

From a distance,
Simmering breeze flows in
Forests, trees, creepers,
Flower laden arches
Sing new songs
River flows down smiling sweetly

Excitement fills the body, joy in mind
Stares he, without a blink
Hope blooms in the creeper of life



ବିଜନ ବେଳା

ବିଜନେ ବାଜେ ବଇଁଶୀ ଶ୍ରାବଣୀ ଧାରାରେ
ଲୁହର ଯମୁନା ନାଚେ ତରଙ୍ଗ ଦୋଳାରେ ।।୦।।

ରୋମାଞ୍ଚ କଦମ୍ବ କେତେ
ଫୁଟେ ଦେହ ବୃନ୍ଦାବନେ
ବନମାଳତୀ ସୁରଭି
ଛୁଟେ ନିଃଶ୍ୱାସ ପବନେ
ଆଶାର ବିହଙ୍ଗ ଲୁଚେ
ଭାଷା ତରୁ ଡାଳରେ ।।୧।।

ମନ ଆକାଶ ଦେଶରେ
ଘୋଟେ ନୀଳ ମେଘମାଳା
ସୁନାର ଚାବୁକ ପରି
ତହିଁ ଚମକେ ଚପଳା
ବ୍ୟଥାରେ କାତର ଚିତ୍ତ
ଏ ମଉଳା ବେଳାରେ ।।୨।।

* * *

Lonely time

Along the rains
Flute plays in solitude
The river of tears dances
In the swings of tides

Sensations bloom
In the garden of body
Fragrance of jungle jasmine
Surges through air exhaled
The bird of hope hides
In branches of language-tree

In the land of mind's sky
Gathers blue clouds
Like a golden whip
There shines lightning
In the faded time
Mind is shocked in pain



ଆନନ୍ଦ ସଂଗୀତ

ଆଲୋକର ବୀଣାବାଜେ ଦୂର ନୀଳଗଗନେ
ପୁଲକରେ ଭିଜେ ମାଟି ଏଇ ମଧୁଲଗନେ । ।।୦।।

କିଏ ଯାଏ ଗାଇ ଆଜି
ଆନନ୍ଦର ସଂଗୀତ
ମୃଦୁ ହସି ଚାହିଁ ଚାହିଁ
ଦେଇ ଶୁଭଇଂଗିତ
ଚହଲା ଚମକ ଲାଗେ ମନ ଶ୍ୟାମକାନନେ ।।୧।।

ପାଖୁଡ଼ା ପାଖୁଡ଼ା ମେଲି
ଫୁଲ ଫୁଟେ ସଧୀରେ
ଚୋରାଇ ସୁବାସ ତା'ର
ବାଆ ବହେ ଅଧୀରେ
ଆଶାର ପ୍ରଣବ ଧ୍ୱନି ଉଠେ ଲତା ବିତାନେ ।।୨।।

ସାଗର ସେପାରେ ଉଏଁ
ସକାଳର ସୂରୁଯ
ବୁଣିଦିଏ ଦିଗେ ଦିଗେ
ମମତାର ମୁରୁଯ
ନୂତନ ଜୀବନ ଜାଗେ ବିହଙ୍ଗ ନିଃସ୍ୱନେ ।।୩।।

* * *

Song of joy

In the distant skies
Veena of light plays
Earth gets drenched in joy
At this bridal moment

Who goes singing there
Songs of joy
Smiling, beholding
Indicating the best
Simmering surprise touches
The grey jungle of mind

Petal by petal
A flower blooms slowly
Stealing its fragrance
Breeze blows impatient
The majestic voice of hope
Raises in the gardens

On the other side of sea
Shines morning sun
Spreads in horizons
Decorations of affection
New life awakens
With chirping of birds

Veena: a musical instrument with strings



ମଳୟ ପରଶ

ତୁମେ ମଳୟପବନ ହୋଇ
ମୋ ମନ ଗବାକ୍ଷ ଫାଙ୍କରେ ଆସିବ
ଦିନେ ଫୁଲବାସ ନେଇ । ।।୦।।

ବସିଥିବି ମୁହିଁ ହୋଇ ଆନମନା
ଆଙ୍କୁଥିବି ଛବି କେତେ ଅନାବନା
ତନୁରେ ଭରିବ କେତେ ଶିହରଣ
ଅଳପ ଅଳପ ଛୁଇଁ । ।।୧।।

ବଉଦ ଫାଙ୍କରୁ ରେଶମୀ ଜୋଛନା
ଝରି କରୁଥିବ ସୁଷମା ରଚନା
ଆଶା କଇଁଫୁଲ ଫୁଟି ଯାଇଥିବ
ମୃଦୁ ମୃଦୁ ହସି ଦେଇ । ।।୨।।

* * *

Touch of breeze

You will sneak in
In my mind's window
As a breeze in autumn
One day,
With fragrance of flowers

I would be sitting, abstracted
Painting many hazy sketches
Touching little by little
Much excitement will fill the body

Silky moonlight through the clouds
Would be filtering to create beauty
The water lily of hope
Would have bloomed
Smiling sweetly a little



ଲୁଚକାଳି

ଦିଗହଜା ମରୁବାଲି ସରେ ନାହିଁ ଚାଲି ଚାଲି
ପାଦଦୁଇ ଥକିଯାଏ ଲାଗେ ସବୁ ଖାଲି ଖାଲି
କଣ୍ଠ ଯାଏ ଶୁଖିଶୁଖି ବାଟ ରହିଯାଏ ବାକି
ବିଜନତା ଭାଙ୍ଗିଦିଏ ମରୁ ପକ୍ଷୀର କାକଳି ।।୦।।

ଜଳବେଣୀ ପରି ଦିଶେ କେତେ ମରୀଚିକା ହସେ
ଶୋଷ ବଢ଼ିଯାଏ ବେଶି
ଦେଖି ତା'ର ଲୁଚକାଳି । ।।୧।।

ଚଲାବାଟେ କଣ୍ଟାଫୁଲ ଫୁଟି ଦିଶେ ଝଲମଲ
ଛୁଇଁ ଦେଲେ ଫୁଟେ କଣ୍ଟା
ହାତ ହୋଇଯାଏ ଚିରି । ।।୨।।

ଶୂନ୍ୟେ ଶୁଭେ କାହା ସୁର ଲାଗେ ବଡ଼ ଆପଣାର
ଚମକି ଚାହିଁଲେ କାହିଁ
ଯାଏ ସେହି ସୁର ଚାଲି । ।।୩।।

* * *

Hide and seek

The desert sands
Unsurpassed by walking
Horizons loose lines
Feet tire, oblivion it feels all
Throats dry, with long trail still ahead
Chirpings of desert bird
Breaks solitude

Like a plait of water
The mirage smiles, a lot
Thirst increases much
Watching its hide and seek

Thorny flowers in the path
Glare in bloom
Prick on touch, shear hand

Whose voice is heard in oblivion
Feels familiar much
On looking around in surprise
Vanishes somewhere that tune



ଅଭିଷେକ

ଦିଗେ ଦିଗେ ଝରିଯାଏ ଆଲୋକର ଧାରା
କିଏ ଗୀତ ଗାଏ ବସି ଛଣା ସୁଧାଧାରା । ।।୦।।

ଆକାଶରୁ ନୀଳ ରଙ୍ଗ ଝରିଆସେ ମାଟିପରେ
କହିବାକୁ ସ୍ୱର୍ଗବାଣୀ ଶୋକପାଶୋରା ।।୧।।

ବିଷାଦର ବିଷଜ୍ୱଳା ଯାଏ ଦୂରେ ଅପସରି
ମଣିଷର ମନେ ଆସେ ପୁଲକ ଧାରା ।।୨।।

ନଦୀ ଗାଏ କଳତାନ ଜଡ଼ ହୁଏ ସଚେତନ
ଆନନ୍ଦର ଅଭିଷେକ ହୁଅଇ ପରା । ।।୩।।

ଲଳିତଲାବଣ୍ୟରେଖା ଚରାଚରେ ଦିଏ ଦେଖା
ମନ ବିଥି ଧାରେଧାରେ ହସେ ପ୍ରୀତି ପସରା ।।୪।।

* * *

Coronation

Light rains in horizons
Who sings there
Filtered stream of beauty

Blue from sky falls on earth
To tell the tale of heaven
To make us forget grief

Poisoning pain of depression
Recedes back
Joy creeps in minds of men

River sings trickling
Lifeless becomes conscious
Happiness gets coroneted as if

Beautiful soft stripes
Appear everywhere
In the boarder of mind
Basketful of love smiles



ସ୍ମୃତିସୁଧା

ପବନ ଗାଉଛି ଗୀତ ରାଗ ଯେ ବସନ୍ତ
ଦୂରେ ଦୂରେ ଶୁଭୁଅଛି [illegible] ଳିତ
ହସି ହସି ଖେଳୁଅଛି [illegible] କେତେ ଲୁଚକାଳି
ସ୍ମୃତିର ଅଳତାଧାରା ଦେଉଅଛି ଢାଳି
ମନର କୁସୁମ କୁଞ୍ଜ ହୁଏ ସୁବାସିତ ।।୧।।

ସାଗରରୁ ଆଣିଅଛି କେତେ ଉଦାରତା
ବସୁଧାରୁ ଆଣିଅଛି ସହନଶୀଳତା
ନଦୀ ଠାରୁ ଶିଖିଅଛି ଚାଲିବାକୁ ପଥ ।।୨।।

ହଜିଯାଇଅଛି ସିଏ ଆପଣା ଭିତରେ
ଖୋଜିବୁଲୁଛି ନିଜକୁ ଦେଶଦେଶାନ୍ତରେ
ଆଶାର ପସରା ତା'ର ଅସୀମ ଅନନ୍ତ ।।୩।।

* * *

Beautiful tune

The zephyr sings in *raag Basanta*
In a distant melodious anklet is heard
Playing hide and seek, smiling so
Pouring coloured lining of memory
The arch of flowery creepers in mind
Becomes fragrant

Much compassion from sea
It has brought
Tolerance from earth
To keep walking, it has learnt
From the river

It has lost self
Within its own being,
But it still keep searching self
In lands far and wide
Its basket of hope is vast and endless

raag Basanta: a classical music note



କାଶତଣ୍ଡୀ

ଶରତେ ଆକାଶେ ଧଳାମେଘ ଯାଏ ଭାସି
କହେ ବନ୍ଧୁ ଚାହଁ ଥରେ ନୟନ ମେଲି
ନଦୀ ପଠା ହୁଏ ମଣ୍ଡି ଫୁଟି ପୁଲ କାଶତଣ୍ଡୀ
ମିଠାମିଠା ଲାଜ ମିଶା ଅଳସେ ଝୁଲି । ।।୦।।

ନଦୀ ବହେ ଗାଇ ଗୀତ
ସାଗରକୁ ମନାସି
ଦୂରେ ଦୂରେ ବାଜେ କାହା
ମଧୁଝରା ବଇଁଶୀ
ଧୀର ଧୀର ପବନରେ ମନ ଯାଏ ଚହଲି । ।।୧।।

ଗଙ୍ଗଶିଉଳି ବାସରେ
କଇଁଫୁଲ ହସରେ
ଜୋଛନା ଯାଉଛି ଝରି
ବନଗିରି ଦେଶରେ,
ମାଟିରେ ସୁଧାବରଷି କେତେ ଯେ ତରଙ୍ଗ ତୋଳି । ।।୨।।

* * *

Kaashatandi

In the autumn sky
White clouds float
I urge, dear friend
See once, open your eyes

River bank is laden
With blooming *Kaashatandi*
Swaying lazily in sweet shyness

River flows singing songs
Wishing and longing sea
Who plays in distance
Flute like oozing honey
In the slow breeze, minds sway

In the fragrance of *Gangasiuli*
In the smiles of water lily
Moonlight filters through
Forests, mountains, countries
Raining nectar on earth
Raising many tides

Kaashatandi – a flower like pampas
Gangasiuli – a flower



ନୀଳ ସରସୀ

ପୂର୍ଣ୍ଣିମାର ଜହ୍ନ ନୀଳ ଆକାଶରେ
ମିଠା ମିଠା ହସି ଉଇଁଲା
ସରେ କୁମୁଦିନୀ ଓଢ଼ଣା ଫାଙ୍କରେ
ଲାଜେ ଲାଜେ ଭିଜି ଚାହିଁଲା ।।୦।।

ବାଙ୍କ ଚାହାଣୀରେ ସରଗର ସୁଧା
ଝରାଇ ଭିଜାଇ ଦେଲା ସେ ବସୁଧା
ତୋରା ପବନରେ ଢଳିଢଳି କାହା
ଆଗମନୀ ଗୀତ ଗାଇଲା । ।।୧।।

ଅକୁହା ବେଦନା କହି ତ ହୁଏନା
ନ କହି ମରମେ ସହି ତ ହୁଏନା,
ଆଖିରେ ଆଖିରେ ସପନ କାହାଣୀ
କଇଁଫୁଲ ହସି କହିଲା । ।।୨।।

ଦୁରୁ ଦୁରୁ ଛାତି ତନୁଭରା ତାତି
ଅଜଣା ପୁଲକେ ମନ ଗଲାମାତି
ମନର ମାନସୀ ସାଜି କୁମୁଦିନୀ
ନୀଳସରସୀରେ ରହିଲା । ।।୩।।

* * *

Blue lagoon

Full moon in blue sky
Rose smiling sweetly
Soaked in shyness, water lily
Looked up from the pond
Through the veil

In a curved glance
Beauty of heavens
Drenched the earth
In stolen breeze
Whose invitation song
Did it sing swaying

Unspeakable pain, that can't be told
Intolerable, without venting
Stories of dreams in the eyes
Water lily told smiling

Palpating chest, body full of heat
Mind got involved in unknown joy
The beloved of mind
Dressed as moon
Dwelled in blue lagoon



ଦୂର ଆକାଶ

ଏ ଆକାଶେ ଜହ୍ନ ଗୀତ ଗାଏ କାହା ପାଇଁ
ସୁର ଭଲ ଲାଗେ ଗୀତ ବୁଝି ହୁଏ ନାହିଁ । ।।୦।।

ସେ ସୁରରୁ ଝରିଯାଏ ପ୍ରୀତିର ମଳୟ
ସରଜନା କରେ ସିଏ ଆନନ୍ଦ ବଳୟ
ରେଣୁ ରେଣୁ ଜୋଛନାରେ ବାଜେ ଶାହାନାଇ । ।।୧।।

ଜୋଛନାରେ ଭିଜି ଯାଏ ଶେଫାଳିର ପାଖୁଡ଼ା
ଆକାଶରୁ ଝରି ଯାଏ ଶିଶିରର ଗଜରା
ତାରାମାନେ ଚାହିଁଥାନ୍ତି ଆନମନା ହୋଇ । ।।୨।।

ଛୁଇଁଯାଏ ଫୁଲବନ ଧୀରଧୀର ପବନ
ଝରାପାଖୁଡ଼ାରେ ଲେଖା କେତେ ମଧୁସପନ
ସେ ଲେଖାକୁ ପଢ଼ିବାକୁ ମନ ରହେ ଚାହିଁ । ।।୩।।



Distant Sky

For whom does the moon sing in the sky?
Music so lovely, lyrics beyond comprehension
Breeze of love flows from the music, and
Creates a sphere of content
And *Shehnai* is played
In the sands of moonlit night.
Sefali gets drenched in the moon
Dews as garlands dribbles from the sky
Stars look around absentminded
Slow breeze touches the forest of flowers
In the fallen petals written many sweet dreams
Mind awaits to read those few lines

Sehnai - a musical instrument usually played during marriages
Sefali - a flower





Nilamadhab Kar started writing poems in Oriya and later drifted to English; however he also wanders off to Hindi occasionally and crisscrosses all the while not so infrequently. His poems have been published in many journals and anthologies in USA and UK. He has edited periodicals and books. He has own second prize in International Open Poetry contest, for the International Who's Who in Poetry 2005 in USA. Some of his poems are available in the internet. He mends mind; he is a psychiatrist by profession. He lives in Wolverhampton, UK.



Dr Sarat Chandra Rath holds MA, MPhil and PhD degrees in Oriya and professes Oriya language at Utkal University in Bhubaneswar, India. He has been honoured with gold medals as he stood first in M.A. (Oriya) from Utkal University.

Poetry

1. Dhupabasa 2. Nabachetana 3. Mati Mahak 3.Aradhana 4. Banamala 5. Kali Sakalara Surya

critiques and essays

1.Rajakabi Dhananjaya Bhanjanka Kruti O' Krutitwa 2.Samikshaa Saurava 3. Sahitya Chintan 4.Samiksha Stabaka 5. Aama Sanskruti; Aama Jibana 6. Prabandha O' Prabandhik 7. Samanya Suchana 8. Savitri Sambandhe

Compilations

1 Sahitya Sampada 2 Matru Kathamruta 3. Sarbangina Sikshya O' Jibana' 3. Semananka Atmalipi 4. Sriaurobindonka Savitri Upakhyan,

Awards and Recognitions

1. Kabi Samrat Upendra Bhanja Sammaan, Berhampur
2. Rashtriya Mahila Sammaan, Odissa Sakha
3. Nikhila Bharat Swadhinata Sangrama Samiti
4. Odissa Sammalani, Bhubaneswar
5. Jayadev Kavi Sammaan, Bhubaneswar

He lives in the temple city Bhubaneswar, Orissa, India.